# ଖଜୁରୀ ଗଛ

କବି ରଘୁନାଥ ଦାସ

ଖଜୁରୀ ଗଛ ତ ପାହାଚ ପାହାଚ

କେତେ ବାହୁନିବ ଗୁଣ ଲୋ

କମ୍ପାନୀ ପଛକୁ କଂଗ୍ରେସ ଅଇଲା

କଟା ଘା’କୁ ଯେହ୍ନେ ଲୁଣ ଦେଲା ।୦ ।

ଧାନ ନଉତିକ ହେଲା ଦେଢ଼ଟଙ୍କା

କପଡ଼ା ନ ମିଳେ କାହିଁ;

ସାତ ନାହୁରାରେ ଚିନି ଛଟାଙ୍କିଏ,

ସେତକ କିଳାପୋତେଇ

ବୋଟ ଉପରକୁ କିଣି ମହାସୁଲ

ଟଙ୍କା ନୁହେଁ ଅଣା ଶୂନ ଲୋ ।

ଚଢ଼ା ହେଲା ଭାଉ,

ଜମି ନେଲା ସାହୁ;

ବଞ୍ଚିବି କି ଆଉ?

ଧୋବା ଟୋପି ଦାଉ

ଅଧିକ ହେଲାଣି ଋଣ ଲୋ ।୧ ।

www.jataayu.org

# ଖଜୁରୀ ଗଛ

କବି ରଘୁନାଥ ଦାସ

କଳା ଚିକି ମିକି ମଟର ଗାଡ଼ିଲୋ
କାଳିଆ ବସିଛି ତହିଁ
ଶୁଖିଲା ଭୂଇଁରେ ବାଳିଆ ପିଟୁଛି
ସେ କାଳେ ମନ୍ତ୍ରୀ ଜୋଇଁ ।
ଆମେ ମାଟି କାଟି
ମରୁ ଖଟି ଖଟି
ପୋକ ମାଛିଠାରୁ ହୀନ ଲୋ ।୨ ।

ହଳ କରି କରି ବଳ ଝଡ଼ି ଗଲା
ପେଟତ ନୋହିଲା ଓଦା
ହାଟେ ବାଟେ ଘାଟେ ଟିକସ ଆକଟି
କନିକା ମାରୁଛି କୁଦା ।
ପଡ଼ିଲାଣି ଜଣା ହୋଇଛି ଯୋଜନା,
ଖଜଣା ହେବ ଦି' ଗୁଣ ଲୋ ।୩ ।

ବିନା ବିଚାରରେ ଅଟକ ଆଇନ;
ତୁଣ୍ଡେ ବାନ୍ଧି ଦେଲା ତୁଣ୍ଡି;

www.jatayu.org

# ଖଜୁରୀ ଗଛ

କବି ରଘୁନାଥ ଦାସ

ପାଟି ଖୋଲିବାକୁ ଶକତି କାହାର;
ମାତାଲର ସାକ୍ଷୀ ଶୁଣ୍ଡି ।
ହେ ଚୌରାଳିଶ ଚଳାଇଛି ଦେଶ ।
ରାମରାଜ୍ୟ ପୋଥି ଶୁଣ ଲୋ ।୪ ।

କଳା ଭାଲୁ ମୋର ଗାଲୁଗହୀରରେ
ବାରବାଟୀ କରେ ଚାଷ
ଫସଲ ବଢୁଚି ନିଶ ମୋଢ଼େ ଟାଣେ,
ବିଲରେ ବଢୁଛି ବହଳ ଘାସ
କହେ ଜମିଦାର ଜମିରୁ ନିକଲ
(ଏଥର) ଆକାଶେ ବିହନ ବୁଣ ଲୋ ।୫ ।

ଗୋରା ବେପାରୀ କି ଜୋରା ବେପାରୀ ଲୋ
ମିଳିଗଲେ ଦୁଇ ମିତ
ଚାରି ଚିରେ ମୁହିଁ ଲଗାଇ ଦୁହିଁଲେ
ଅସଂଭାଳ ଦେଶହିତ
ସେବା ଭାବେ ଲୁଟି ଲାଭ ନେଲେ ଛୁଟି,

www.jataayu.org

# ଖଜୁରୀ ଗଛ

କବି ରଘୁନାଥ ଦାସ

ମଞ୍ଜିକୁ କାଟିଲେ ଘୁଣ ଲୋ ।୬ ।

ଆପଣା ପେଟକୁ ନିଅଣ୍ଟ ଦରମା

କାହିଁ କିଣିବ ଶାଢ଼ି,

ସଂସାରୀ ହେବାକୁ ଆମକୁ କି ସାଜେ?

ଭାରିଯାକୁ ଦେଲି ଛାଡ଼ି;

ଘରଭଡ଼ା ହେଲା ସାତ ଗୁଣ ଚଢ଼ା

ଅଧିକ ହେଇଲା ରଣଲୋ ।୭ ।

(୧)

ଶୁଣ ଶୁଣ ଭାଇ ମରମ ଫିଟାଇ କହିଲି

କାକ ପୋଷିଥିଲା କୋଇଲି ।

ଯେତେ ସେ ରାବିଲା     ଯେତେ ଶିଖାଇଲା

ମୁଁ ତ କା- କା କେବେ ନୋହିଲି ।

କହେ ମାର୍କସ୍‌ବାଦ ସବୁଠୁ ଦରିଦ୍ର

ଜନତାର ଦାବି ପହିଲି ।

(ଅସମାପ୍ତ)



www.jataayu.org

# ଖଜୁରୀ ଗଛ

କବି ରଘୁନାଥ ଦାସ

( ୨ )

ଖଣ୍ଡ ହାତେ ଦେଲି ଖଣ୍ଡା

ଶୁଣ ମୋ ଭଉଣୀ ଦୁଃଖୀର ଦୟିନୀ

କଂଗ୍ରେସ ଆଇନ କଥା ।

ଜମିଦାର ଚଣା-   ଖିଆକୁ ଖଜଣା

ଚାଷୀମୁଣ୍ଡେ ବୋଳା ଅଠା ।

ଏହି ସେ କନିକା   ଗଣି ଚୁଲି ଝିଙ୍କା

କଷା ହୁଏ ଯାର କର ।

(ଅସମାପ୍ତ)

(୩)

ବୃଥା ନୁହେଁ, ନୁହଁ ତାହା ଖାଲି ଦସ୍ତଖତ

ରୁଷ, ଅଂରେଜ, ଫରାସୀ, ଚୀନ୍, ଓ ଭାରତ

ହିନ୍ଦୁ ଓ ମୁସଲମାନ ଖୀରସ୍ତାନ ବୌଦ୍ଧ

ନିଗ୍ରୋ ଆଉ ଗୋରା ମିଳି କୁଟୀର ଓ ସୌଧ

ଜାତି ଧର୍ମ, ଭାଷା ସବୁ ସୀମାବଦ୍ଧ ଡ଼େଇଁ

ଏକ ଫର୍ଦ୍ଦେ ରଖାଯାଏ... ସଇ ।

www.jatayu.org

(ଅସମାପ୍ତ)

www.jataayu.org

Powered by Tekons